# NATIONAL NEWS BULLETIN (ODIA)

## 26 July - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସଂସଦରେ କାରଗିଲ୍ ବିଜୟ ଦିବସ ଅବସରରେ ପ୍ରାଣବଳୀ ଦେଇଥିବା ସେନାନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ।

- ବୀର ସୈନିକମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ସଂସଦର ଉଭୟ ସଦନରେ ଆଜି କେନ୍ଦ୍ରୀୟ ବଜେଟ୍ ଉପରେ ହୋଇଛି ଆଲୋଚନା ।
- ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ନିତି ଆୟୋଗର ନବମ ପରିଚାଳନା ପରିଷଦ ବୈଠକର ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ।
- ଭାରତ ଏବଂ ଆମେରିକା ମଧ୍ୟରେ ସାଂସ୍କୃତିକ ସମ୍ପତ୍ତି ଚୁକ୍ତି ସ୍ୱାକ୍ଷରିତ ।

ଏବଂ

- ମହିଳା କ୍ରିକେଟ୍ ଏସିଆକପ୍ ଟି-ଟ୍ୱେଣ୍ଟି ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

# କାର୍‌ଗିଲ୍ ଦିବସ

ସଂସଦର ଉଭୟ ଗୃହରେ ୨୫ତମ କାର୍‌ଗିଲ୍ ଦିବସ ଅବସରରେ ଯୁଦ୍ଧରେ ଦେଶପାଇଁ ପ୍ରାଣବଳୀ ଦେଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବୀର ସୈନିକମାନଙ୍କ ବଳୀଦାନକୁ ସ୍ମରଣ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, କାର୍‌ଗିଲ୍ ଯୁଦ୍ଧରେ ଆମ ସୈନିକମାନେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ପ୍ରତିକୂଳ ପରିସ୍ଥିତିରେ ଆମ ସୈନିକମାନେ ଅସାଧାରଣ ବୀରତ୍ୱ ପ୍ରଦର୍ଶନ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍‌ଗିଲ୍ ବିଜୟ ଦିବସ ଅବସରରେ ଦେଶର ସଶସ୍ତ୍ର ସେନା ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍‌ଗିଲ୍ ଯୁଦ୍ଧ ସ୍ମାରକ ପରିଦର୍ଶନ କରି ସହିଦ ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକରେ କାର୍‌ଗିଲ୍ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

# ଲୋକସଭା – ବଜେଟ୍ ଚର୍ଚ୍ଚା

ଲୋକସଭାରେ ଆଜି ମଧ୍ୟ ଚଳିତ କେନ୍ଦ୍ରୀୟ ବଜେଟ୍ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରର ବଜେଟ୍ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି । ବିଜେପି ସାଂସଦ ଯୁଗଳ କିଶୋର କହିଛନ୍ତି, ଚଳିତ ବଜେଟ୍ ଆର୍ଥିକ ଏବଂ ସାମାଜିକ ଦୃଷ୍ଟି କୋଣରୁ ମହତ୍ୱପୂର୍ଣ୍ଣ ଅଟେ । ସେ କହିଛନ୍ତି, ଲୋକମାନଙ୍କ ପାଇଁ ଏହି ବଜେଟ୍ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ । ଏହି ବଜେଟ୍‌ରେ କୃଷି, କୌଶଳ, ରୋଜଗାର, ଶକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଭବିଷ୍ୟତରେ ଲକ୍ଷ ଲକ୍ଷ ଯୁବକମାନଙ୍କୁ କୌଶଳ ବିକାଶ ଉପରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ଏହି ବଜେଟ୍‌ରେ କରାଯାଇଛି । ଜାମ୍ମୁ କାଶ୍ମୀର ବଜେଟ୍ ଉପରେ ସେ କହିଛନ୍ତି, କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଏହି ବଜେଟ୍‌ରେ ସମସ୍ତ ପ୍ରକାରର ବିକାଶ ହେବା ପାଇଁ ବ୍ୟବସ୍ଥା ରହିଛି । ଏଥିରେ କୃଷି, ପର୍ଯ୍ୟଟନ, ଗ୍ରାମୀଣ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା ଏବଂ କୌଶଳ ପ୍ରଶିକ୍ଷଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏ ସଂକ୍ରାନ୍ତରେ ଏହି ବଜେଟ୍‌ରେ ପ୍ରଚୁର ଅର୍ଥ ବ୍ୟବସ୍ଥା ମଞ୍ଜୁର କରାଯାଇଛି । ଶ୍ରୀ କିଶୋର କହିଛନ୍ତି, ଜାମ୍ମୁ କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ହେବା ପରେ ସେଠାରେ ଅଭୁତପୂର୍ବ ବିକାଶ ହେବା ଦେଖିବାକୁ ମିଳୁଛି ।

ଏହି ଆଲୋଚନାରେ ଭାଗ ନେଇ ପଞ୍ଚାୟତରାଜ ମନ୍ତ୍ରୀ ରାଜୀବ ରଂଜନ ସିଂହ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳ ସମୟରେ ସରକାର ଦେଶକୁ ଆତ୍ମନିର୍ଭର କରିବା ପାଇଁ ନିରନ୍ତର କାର୍ଯ୍ୟ ଜାରି

ରଖିଛନ୍ତି । ବିରୋଧୀ ଦଳ ବିହାର ଏବଂ ଆନ୍ଧ୍ରପ୍ରଦେଶ ଉପରେ ଏହି ବଜେଟ୍ ସୀମିତ ଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ଆଗକୁ ନେବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି ।

## ଆର୍‌ଏସ୍-ବଜେଟ୍ ଡିସ୍‌କସନ୍

ରାଜ୍ୟସଭାରେ ଆଜି ଚଳିତ କେନ୍ଦ୍ରୀୟ ବଜେଟ୍ ସଂକ୍ରାନ୍ତରେ ଆଲୋଚନା ହୋଇଛି । ଏହି ଆଲୋଚନାରେ ଭାଗ ନେଇ ୱାଇ.ଏସ୍.ଆର୍.ସି.ପି.ର ଏସ୍. ନିରଞ୍ଜନ ରେଡ୍ଡୀ ଏହି ବଜେଟ୍‌କୁ ପ୍ରଶଂସା କରିଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟମ ଏବଂ ଦୀର୍ଘକାଳୀନ ବିଚାର ରଖି ଏହି ବଜେଟ୍ ପ୍ରସ୍ତୁତ କରିଛନ୍ତି । ଯାହା ସମୟାନୁକୂଳ ବୋଲି ସେ କହିଛନ୍ତି । ତେବେ ଦେଶରେ ବଢୁଥିବା ଅସାମାନତା ସ୍ଥିତିର ସମାଧାନ ବାହାର କରିବାର ଆବଶ୍ୟକତା ଥିବା ସେ କହିଛନ୍ତି । ଆର୍.ଜେ.ଡି.ର ଏ.ଡି. ସିଂହ ଦେଶରେ ଦେଖାଯାଉଥିବା ବେକାରୀ ସମସ୍ୟା ରାଜ୍ୟସଭାରେ ଉଠାଇଛନ୍ତି ।

## ଏଲ୍‌ଏସ୍-ଡ୍ରଗ୍ସ

ସରକାର ୪୨୪ଟି ଔଷଧକୁ ବିଶାକ୍ତ ଏବଂ ଅପମିଶ୍ରିତ ତଥା ୩ହଜାର ୫୩ଟି ଔଷଧକୁ ନିମ୍ନମାନର ବୋଲି ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ଘୋଷଣା କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଲୋକସଭାରେ ଏକ ଲିଖିତ ଉତ୍ତର କହିଛନ୍ତି, କେନ୍ଦ୍ରୀୟ ଔଷଧୀ ମାନକ ନିୟନ୍ତ୍ରଣ ସଂଗଠନ ଏବଂ ରାଜ୍ୟ ଔଷଧ ନିୟନ୍ତ୍ରକ ମିଳିତ ଭାବେ ବିଭିନ୍ନ ଔଷଧ କମ୍ପାନୀ ଗୁଡ଼ିକ ଉପରେ ନିରିକ୍ଷଣ କରି ଏହି ପଦକ୍ଷେପ ନେଇଛନ୍ତି । ଔଷଧ କମ୍ପାନୀ ଗୁଡ଼ିକୁ ସେମାନଙ୍କର ଗୁଣବତ୍ତାକୁ ବଜାୟ ନ ରଖି ଏଭଳି ଔଷଧ ପ୍ରସ୍ତୁତ କରୁଥିବାରୁ ସେମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମନ୍ତ୍ରୀ କହିଛନ୍ତି, ୩୦୦ରୁ ଅଧିକ ଔଷଧ କମ୍ପାନୀକୁ କାରଣଦର୍ଶାଅ  ନୋଟିସ୍ ଜାରି କରାଯାଇଥିବା ବେଳେ ଔଷଧ ଉତ୍ପାଦନ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଏହାସହ କିଛି କମ୍ପାନୀମାନଙ୍କ ଲାଇସେନ୍ସକୁ ମଧ୍ୟ ରଦ୍ଦ କରାଯିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ଆର୍‌ଏସ୍‌-ମେଡିକାଲ୍ ଟୁରିଜିମ୍

ଦେଶକୁ ଚିକିତ୍ସା ପାଇଁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି । ୨୦୨୦ ମସିହାରେ ଏହି ସଂଖ୍ୟା ୧୮୩ ଥିବା ବେଳେ ୨୦୨୩ରେ ଏହା ବୃଦ୍ଧି ପାଇ ୬୩୫ରେ ପହଞ୍ଚିଛି । ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ  କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ସୂଚନା ଦେଇ କହିଛନ୍ତି, ଦେଶର ସରକାରୀ ପୋର୍ଟାଲ୍‌ରେ ମେଡିକାଲ୍ ଭେଲ୍ୟୁ ଟ୍ରାଭେଲ୍ ପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଯାହାଫଳରେ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଭାରତରେ ଚିକିତ୍ସା ବ୍ୟବସ୍ଥାର ସୁବିଧା ପାଇପାରିବେ । ଏହି ପୋର୍ଟାଲ୍‌ରେ କେତେଜଣ ବିଦେଶୀ ପର୍ଯ୍ୟଟକ ଭାରତରେ ଆସି ଚିକିତ୍ସିତ ହେଉଛନ୍ତି ସେ ବିଷୟରେ ସବିଶେଷ ସୂଚନା ମିଳିପାରିବ ।

## ପିଏମ୍‌-ଗଭର୍ଣ୍ଣିଂ କାଉନ୍‌ସିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସ୍ଥିତ ସାଂସ୍କୃତିକ କେନ୍ଦ୍ରରେ ନୀତିଆୟୋଗର ନବମ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ ।  ଚଳିତ ବର୍ଷ ବୈଠକର ବିଷୟବସ୍ତୁ ହେଉଛି, 'ବିକଶିତ ଭାରତ@୨୦୪୭' । ଯେଉଁଥିରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ଗୁରୁତ୍ୱ

ଦିଆଯାଇଛି । ଏହି ବୈଠକରେ ବିକଶିତ ଭାରତ ଉପରେ ମଧ୍ୟ ଭିଜନ ଡକ୍ୟୁମେଣ୍ଟ ଉପରେ ଆଲୋଚନା ହେବ । ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଜନସାଧାରଣଙ୍କ ଜୀବନ ଧାରଣାର ମାନ ବୃଦ୍ଧି କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଭାଗି ଶାସନ ଏବଂ ସହଯୋଗକୁ ପ୍ରୋତ୍ସାହନ ଦେବା ହେଉଛି ଏହି ପରିଚାଳନା ପରିଷଦର ବୈଠକର ଉଦ୍ଦେଶ୍ୟ । ଏହି ବୈଠକରେ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ରାଜ୍ୟ ଗୁଡ଼ିକର ଭୂମିକା ଉପରେ ମଧ୍ୟ ବିସ୍ତୃତ ଭାବେ ବିଚାର ବିମର୍ଷ ହେବ । ନିତିଆୟୋଗ କହିଛନ୍ତି, ଘରୋଇ ଉତ୍ପାଦ ସହିତ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ହେବାର ପଥରେ ରହିଛି । ଏହାର ଜି.ଡି.ପି. ୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅତିକ୍ରମ କରିଛି ଏବଂ ୨୦୪୭ ସୁଦ୍ଧା ୩୦ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅର୍ଥ ବ୍ୟବସ୍ଥାରେ ପହଞ୍ଚିବାର ଆକାଂକ୍ଷା ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି, ନିତିଆୟୋଗର ଅଧ୍ୟକ୍ଷ । ଅନ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀଙ୍କ ସହ ଏକ୍ସ-ଅଫିସିଓ ସଦସ୍ୟ ଏବଂ ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥିଙ୍କ ସହିତ ନିତିଆୟୋଗର ଉପାଧ୍ୟକ୍ଷ ଏବଂ ସଦସ୍ୟମାନେ ଏଥିରେ ସାମିଲ ହେବେ ।

# ଭାରତ-ଆମେରିକା

ଭାରତ ଏବଂ ଆମେରିକା ମଧ୍ୟରେ ସାଂସ୍କୃତିକ ସମ୍ପତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା କୌଣସି ଭାରତୀୟ କଳାକୃତି ଯଦି ଚୋରି ହୁଏ ତେବେ ଏହା ବିରୁଦ୍ଧରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଏହି ଚୁକ୍ତିନାମାରେ ଦର୍ଶା ଯାଇଛି । ଭାରତୀୟ ହସ୍ତଶିଳ୍ପ କଳାକୃତିର ବେଆଇନ୍ ବାଣିଜ୍ୟ କାରବାର ରୋକିବା, ଆମଦାନୀ ରପ୍ତାନୀ ଉପରେ କଟକଣା ରହିବା ଏବଂ ପ୍ରତ୍ନତତ୍ତ୍ୱ ସଂକ୍ରାନ୍ତୀୟ କୌଣସି ସୂଚନାକୁ ବେଆଇନ୍ ଭାବେ ପ୍ରଘଟ କରିବା ଉପରେ ଏହି ଚୁକ୍ତିରେ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ଦର୍ଶାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏଭଳି ଚୁକ୍ତିନାମା ପ୍ରଥମଥର ପାଇଁ ସାକ୍ଷରିତ ହୋଇଛି ।

ନୂଆଦିଲ୍ଲୀରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱେତ୍ ଗଣମାଧ୍ୟମକୁ ସୂଚନା ଦେଇ ଏହି ଚୁକ୍ତିନାମା ଐତିହାସିକ ବୋଲି କହିଛନ୍ତି । ଏହି ଚୁକ୍ତିନାମା ଫଳରେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ ଦୃଢ଼ିଭୂତ ହେବା ସହ ଆନ୍ତଃ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାପ୍ରକଟ କରିଛନ୍ତି । ଗତବର୍ଷ ଜି-୨୦ ସମ୍ମିଳନୀରେ ଏଭଳି ଚୁକ୍ତିନାମା କରିବାକୁ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

# ଏଲ୍ଏସ୍-ରୁଷ ଇଣ୍ଡିଆନ୍

ରୁଷ ସେନାରେ ଭର୍ତ୍ତି ହୋଇଥିବା ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ରୁଷ ଗସ୍ତରେ ଯାଇଥିବା ସମୟରେ ସେଠାକାର ସେନାରେ ଭର୍ତ୍ତି ହୋଇଥିବା ଭାରତୀୟମାନଙ୍କୁ ସ୍ୱଦେଶ ପଠାଇବାକୁ ରୁଷ ସରକାରଙ୍କ ସହ ଆଲୋଚନା କରିଥିଲେ । ଲୋକସଭାରେ ଏ ସଂକ୍ରାନ୍ତରେ ପଚରା ଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ସୂଚନା ଦେଇ କହିଛନ୍ତି, ଆଜି ସୁଦ୍ଧା ୧୦ ଜଣ ଭାରତୀୟ ରୁଷ ସେନାରୁ ଅବ୍ୟାହତି ନେଇଛନ୍ତି । ରୁଷରେ ଭାରତୀୟ ଯୁବକମାନେ ନୂତନ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ସତର୍କତା ଅବଲମ୍ବନ କରିବାକୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ଶ୍ରୀ ସିଂହ କହିଛନ୍ତି, ଦେଶର ଆଇନ୍ ପ୍ରବର୍ତ୍ତନ କର୍ତ୍ତୃପକ୍ଷ ଏହି ସମସ୍ୟା ଉପରେ ଅବଗତ ଅଛନ୍ତି ଏବଂ ଯେଉଁମାନେ ଭାରତୀୟମାନଙ୍କୁ ପଥଭ୍ରଷ୍ଟ କରି ରୁଷ ସେନାରେ ଯୋଗ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି ସେମାନଙ୍କ ବିରୁଦ୍ଧରେ ଭାରତୀୟ ଆଇନ୍ ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଏସିକପ୍

ମହିଳା କ୍ରିକେଟ୍ ଏସିଆକପ୍ ଟି-ଟ୍ୱେଣ୍ଟି ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ଶ୍ରୀଲଙ୍କାର ଦାମ୍ବୁଲା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ, ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୧୦ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପହଞ୍ଚିଛି । ନିର୍ଦ୍ଧାରିତ ୨୦ ଓଭରରେ ବାଂଲାଦେଶର ୮୧ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ୫୪ବଲ୍ ବାକିଥାଇ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିଛି । ବାଂଲାଦେଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତୀୟ ବୋଲର ରେଣୁକା ସିଂହ ଏବଂ ରାଧା ଯାଦବଙ୍କ ଚମତ୍କାର ବୋଲିଂ ପ୍ରଦର୍ଶନ ଯୋଗୁଁ ବାଂଲାଦେଶ ୮ ୱିକେଟ୍ ହରାଇ ମାତ୍ର ୮୦ରନ୍ କରିବାକୁ ସକ୍ଷମ ହୋଇଥିଲା । ତେବେ ଭାରତ କୌଣସି ୱିକେଟ୍ ନ ହରାଇ ମାତ୍ର ୧୧ ଓଭରରେ ଏହି ବିଜୟଲକ୍ଷ୍ୟକୁ ହାସଲ କରିଥିଲା । ଭାରତୀୟ ଓପନିଂ ଯୋଡ଼ି ମାନ୍ଧାନା ୫୫ରନ୍ ଏବଂ ସେଫାଳିଙ୍କ ୨୬ଟି ବଲରେ ଭାରତ ଏହି ମ୍ୟାଚ୍ ଜିତି ଫାଇନାଲ୍‌ରେ ପହଞ୍ଚିଛି ।

ଦ୍ୱିତୀୟ ସେମିଫାଇନାଲ୍‌ରେ ବର୍ତ୍ତମାନ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ଚାଲିଛି ।